# NATIONAL NEWS BULLETIN (ODIA)

## 9 February-2025

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିଧାନସଭା ନିର୍ବାଚନରେ ବହୁମତ ମିଳିବା ପରେ ଦଳୀୟ କର୍ମୀଙ୍କୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ
- ଅର୍ଥନୈତିକ ଓ ବାଣିଜ୍ୟିକ ସମ୍ପର୍କ ଦୃଢ଼ କରିବା ଉଦ୍ଦେଶ୍ୟରେ ଆସନ୍ତାକାଲିଠାରୁ ଫ୍ରାନ୍ସ ଓ ଆମେରିକା ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ଗୁଣାତ୍ମକ ଏବଂ ଉଦ୍ଭାବନକୁ ପ୍ରାଥମିକତା ଦେବାକୁ ଔଷଧ ଶିଳ୍ପକୁ ଆହ୍ୱାନ ଦେଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ
- ପରୀକ୍ଷା ପେ' ଚର୍ଚ୍ଚାର ପରବର୍ତ୍ତୀ ସଂସ୍କରଣରେ ଆସନ୍ତାକାଲି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବେ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ

ଏବଂ

- କଟକ  ବାରବାଟୀ ଷ୍ଟାଡିୟମରେ ଆଜି ଅନୁଷ୍ଠିତ ହେବ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ୍

# ଦିଲ୍ଲୀ- ପିଏମ୍

ଦିଲ୍ଲୀକୁ ଏବେ ବିଶ୍ୱସ୍ତରୀୟ ସହରାଞ୍ଚଳ ଭିତ୍ତିଭୂମି ମିଳିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିକୁ ବହୁମତ ମିଳିବାପରେ ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ କର୍ମୀମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏନ୍.ଡି.ଏ'ର ଅର୍ଥ ହେଉଛି ସୁଶାସନ ଓ ବିକାଶ। ସେ କହିଛନ୍ତି, ଦିଲ୍ଲୀ ବିଧାନସଭା ନିର୍ବାଚନ ଫଳାଫଳ ବିଜେପିର ଡବଲ ଇଞ୍ଜିନ୍ ସରକାର ଉପରେ ଦେଶର ବିଶ୍ୱାସକୁ ସୁଚାଉଛି। ସେ କହିଛନ୍ତି, ଦିଲ୍ଲୀ କେବଳ ଏକ ସହର ନୁହେଁ ବରଂ ଏକ ମିନି ଭାରତ, ଯାହା 'ଏକ ଭାରତ, ଶ୍ରେଷ୍ଠ ଭାରତ' ଧାରଣା ପ୍ରଦର୍ଶିତ କରାଇଥାଏ। ଶ୍ରୀ ମୋଦୀ ଏହି ଅବସରରେ ନାରୀଶକ୍ତିକୁ ଦିଆଯାଇଥିବା ପ୍ରତ୍ୟେକ ପ୍ରତିଶ୍ରୁତି ପୂରଣ ହେବ ବୋଲି କହିଛନ୍ତି।

## V/O

ଆମ ଆଦ୍‌ମୀ ପାର୍ଟିକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦୁର୍ନୀତିକୁ ବିରୋଧ କରୁଥିବା ଦଳ ଦୁର୍ନୀତିଗ୍ରସ୍ତ ସାବ୍ୟସ୍ତ ହୋଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି ଅଧ୍ୟକ୍ଷ ଜେ.ପି.ନଡ୍ଡା କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦେଶର ରାଜନୀତିକୁ ପରିବର୍ତ୍ତନ କରିଛନ୍ତି। ଆପ୍ ଭଳି ଦୁର୍ନୀତିଗ୍ରସ୍ତ ଦଳକୁ ପ୍ରତ୍ୟାଖ୍ୟାନ କରିଥିବାରୁ ଶ୍ରୀ ନଡ୍ଡା ଦିଲ୍ଲୀବାସୀଙ୍କୁ ଧନ୍ୟବାଦ ଜଣାଇବା ସହ ଦଳୀୟ କର୍ମୀଙ୍କୁ ପ୍ରଶଂସା କରିଛନ୍ତି।

# ବିଜେପି ଦିଲ୍ଲୀ ଇଲେକସନ୍

ଦିଲ୍ଲୀ ବିଧାନସଭା ନିର୍ବାଚନରେ ୨୭ ବର୍ଷପରେ ବିଜେପି କ୍ଷମତା ଅକ୍ତିଆର କରିଛି । ୭୦ ଆସନ ବିଶିଷ୍ଟ ବିଧାନସଭାରେ ବିଜେପି ୪୮ଟି ଆସନରେ ବିଜୟ ହୋଇଥିବା ବେଳେ ଆମ୍ ଆଦ୍ମୀ ପାର୍ଟି ୨୨ଟି ଆସନରେ ବିଜୟୀ ହୋଇଛି । ତେବେ କଂଗ୍ରେସ ଗୋଟିଏ ବି ଆସନ ଜିତିପାରିନାହିଁ ।

ଏହି ନିର୍ବାଚନରେ ନୂଆଦିଲ୍ଲୀ ଆସନରୁ ବିଜେପିର ପରଭେଶ ସାହିବ ସିଂ, ରୋହିଣିରୁ ବିଜେନ୍ଦର ଗୁପ୍ତା, କରଓ୍ୱାଲ ନଗରରୁ କପିଲ ମିଶ୍ରା, ଜଙ୍ଗପୁରାରୁ ତରବିନ୍ଦର ସିଂ ମାରଓ୍ୱା, ରାଜୌରୀ ଗାର୍ଡେନରୁ ମନଜିନ୍ଦର ସିଂ ଶୀର୍ଷା, ଗାନ୍ଧୀ ନଗରରୁ ଅରବିନ୍ଦର ସିଂ ଲବଲୀ, ଗ୍ରେଟର କୈଳାସରୁ ଶିଖା ରାୟ ଓ ମୋତି ନଗରରୁ ହରିଶ ଖୁରାନା ବିଜୟ ହୋଇଛନ୍ତି ।

ସେହିପରି ବିଜ୍ଓ୍ୱାସନରୁ କୈଳାସ ଗେହଲଟ, ସକୁର ବସ୍ତିରୁ କର୍ଣ୍ଣେଲ ସିଂ, କସ୍ତୁରବା ନଗରରୁ ନିରଜ ବସୋୟା ଏବଂ ରାଜିନ୍ଦର ନଗରରୁ ଉମଙ୍ଗ ବଜାଜ ବିଜୟୀ ହୋଇଛନ୍ତି ।

ଆମ୍ ଆଦ୍‌ମୀ ପାର୍ଟିର ପ୍ରାର୍ଥୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶି କାଲକାଜି ଆସନରୁ ବିଜୟୀ ହୋଇଥିବା ବେଳେ ସଦର ବଜାରରୁ ସୋମ ଦତ୍ତ, ବାବରପୁରରୁ ଗୋପାଳ ରାୟ, ଦିଲ୍ଲୀ କ୍ୟାଣ୍ଟରୁ ବୀରେନ୍ଦ୍ର ସିଂ କାଦିଆନ, କୋଣ୍ଡଲି ଆସନରୁ କୁଲଦୀପ କୁମାର ପ୍ରମୁଖ ବିଜୟୀ ହୋଇଛନ୍ତି । ତେବେ ବରିଷ୍ଠ ଆପ୍ ନେତା ଅରବିନ୍ଦ କେଜରିୱାଲ, ମନୀଷ ସିସୋଦିଆ ଏବଂ ସୌରଭ ଭରଦ୍ୱାଜ ପରାସ୍ତ ହୋଇଛନ୍ତି ।

ଉତ୍ତର ପ୍ରଦେଶର ମିଲ୍କିପୁର ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଚନ୍ଦ୍ରଭାନୁ ପାଶୱାନ ୬୧ ହଜାର ୭୦୦ ଭୋଟ୍ ବ୍ୟବଧାନରେ ସମାଜବାଦୀ ପାର୍ଟି ପ୍ରାର୍ଥୀ ଅଜିତ ପ୍ରସାଦଙ୍କୁ ପରାସ୍ତ କରିଛନ୍ତି । ତାମିଲନାଡୁର ପୂର୍ବ ଇରୋଡ ବିଧାନସଭା ଆସନ ଉପନିର୍ବାଚନରେ ଡି.ଏମ୍.କେ'ର ଉପାଧ୍ୟକ୍ଷ ଚାନ୍ଦିରା କୁମାର ବିଜୟୀ ହୋଇଛନ୍ତି ।

## ୱେଭ୍‌ସ ସମିଟ୍

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଭାରତକୁ ବିଶ୍ୱ ବିଷୟବସ୍ତୁ କେନ୍ଦ୍ରରେ ପରିଣତ କରିବା ପାଇଁ ପ୍ରଥମ ବିଶ୍ୱ ଅଡିଓ ଭିଜୁଆଲ୍ ଏଣ୍ଟରଟେନମେଣ୍ଟ ଶିଖର ସମ୍ମିଳନୀ – ୱେଭ୍ସ-୨୦୨୫ ପ୍ରସ୍ତୁତ ହେଉଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତ ବିଶ୍ୱର ସୃଜନଶୀଳ କେନ୍ଦ୍ର ହେବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛି । ଏହି ଶିଖର

ସମ୍ମିଳନୀ ଜରିଆରେ ବିଶ୍ୱର ପ୍ରମୁଖ ଗଣମାଧ୍ୟମଗୁଡ଼ିକର ପରିଚାଳନା ନିର୍ଦ୍ଦେଶକ, କଳାକାର ଏବଂ ସୃଜନଶୀଳ ବ୍ୟକ୍ତିତ୍ୱଙ୍କୁ ଏକାଠି କରିବ। ସୂଚନାଯୋଗ୍ୟ, ଆସନ୍ତା ମେ'ରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇରେ ୱେଭ୍‌ସ ଶିଖର ସମ୍ମିଳନୀ ଆୟୋଜନ ହେବ।

## ପିଏମ୍-ଫ୍ରାନ୍ସ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଫ୍ରାନ୍ସ ଓ ଆମେରିକା ଗସ୍ତରେ ଯିବେ। ପ୍ୟାରିସ୍‌ରେ ଶ୍ରୀ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍‌ଙ୍କ ସହ କୃତ୍ରିମ ବୁଦ୍ଧିମତା ଶିଖର ସମ୍ମିଳନୀରେ ସହ ଅଧ୍ୟକ୍ଷତା କରିବେ। ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ଓ ବାଣିଜ୍ୟିକ ସମ୍ପର୍କକୁ ପ୍ରୋତ୍ସାହନ ଦେବ। ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୩ ବିଲିୟନ୍ ଡଲାର ଅତିକ୍ରମ କରିଥିବାବେଳେ ପ୍ରତିରକ୍ଷା, ଭିତ୍ତିଭୂମି ଏବଂ ଡିଜିଟାଲ ପ୍ରଯୁକ୍ତିବିଦ୍ୟା ଭଳି ପ୍ରମୁଖ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଉଥିବା ରଣନୈତିକ ଦୃଷ୍ଟିରୁ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଉତ୍ତମ ଅର୍ଥନୈତିକ ସମ୍ପର୍କ ରହିଛି ଏବଂ ୭୦୦ରୁ ଅଧିକ ଫ୍ରାନ୍ସର କମ୍ପାନୀ ଭାରତରେ କାର୍ଯ୍ୟ କରୁଛନ୍ତି। ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍ ଫ୍ରାନ୍ସ-ଇଣ୍ଡିଆର ଅଧ୍ୟକ୍ଷ କୁମର ଆନନ୍ଦ କହିଛନ୍ତି, ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସମ୍ପର୍କ ବୃଦ୍ଧି ହେବାରେ ଲାଗିଛି।

ଫ୍ରାନ୍ସ ଗସ୍ତ ଶେଷ ହେବାପରେ ପ୍ରଧାନମନ୍ତ୍ରୀ ମୋଦୀ ୱାଶିଂଟନ ଯିବେ। ଏହି ଗସ୍ତ କାଳରେ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବାଣିଜ୍ୟ, ପ୍ରତିରକ୍ଷା ସହଯୋଗ ଏବଂ ଅପ୍ରବାସନ ନୀତି ନେଇ ଦ୍ୱିପାକ୍ଷିକ ଆଲୋଚନା କରିବେ ବୋଲି ଆଶା କରାଯାଉଛି।

## ପୀୟୁଷ ଗୋଏଲ ଫାର୍ମା ଇଣ୍ଡଷ୍ଟ୍ରି

ଔଷଧ ଶିଳ୍ପକୁ ଗୁଣାତ୍ମକ ଏବଂ ଉଦ୍ଭାବନକୁ ପ୍ରାଥମିକତା ଦେବାକୁ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋଏଲ ଆହ୍ୱାନ ଦେଇଛନ୍ତି। ଭାରତୀୟ ଔଷଧ ନିର୍ମାତା ସଂଘର ୬୩ତମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ଗୋଏଲ କହିଛନ୍ତି, ଭାରତୀୟ ଔଷଧ ଶିଳ୍ପ ଉଲ୍ଲେଖନୀୟ ଅଗ୍ରଗତି କରିଥିବା ବେଳେ ଆଗାମୀ ଦିନରେ ସମସ୍ତ ଛୋଟ ବଡ଼ କମ୍ପାନୀ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ସେ କହିଛନ୍ତି, ନକଲି ଔଷଧ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକ ବିରୋଧରେ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଔଷଧ ଶିଳ୍ପ କ୍ଷେତ୍ରରେ ନୂତନ ଉଦ୍ଭାବନ ଏବଂ ମିଳିତ ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଗୋଏଲ କହିଛନ୍ତି। ଏ କ୍ଷେତ୍ରରେ ପେଶାଦାର ଏବଂ ମହିଳାମାନେ ନେତୃତ୍ୱ ନେବା ଲାଗି ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ସରକାର ସବୁ ସମୟରେ ଆବଶ୍ୟକୀୟ ସହାୟତା ଓ ସହଯୋଗ ଯୋଗାଇଦେବାକୁ ପ୍ରସ୍ତୁତ ରହିଥିବା ମନ୍ତ୍ରୀ କହିଛନ୍ତି। ଅନୁଷ୍ଠିତ ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଘରୋଇ ଉତ୍ପାଦନ

କ୍ଷମତା ବୃଦ୍ଧି ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିଲେ। ଭାରତ ଔଷଧ ଉତ୍ପାଦନ କ୍ଷେତ୍ରରେ ବିଶ୍ୱସ୍ତରୀୟ ହବ୍‌ରେ ପରିଣତ ହେବାର ସାମର୍ଥ୍ୟ ରଖେ ବୋଲି ଶ୍ରୀମତୀ ପଟେଲ କହିଥିଲେ।

## ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ୧୦ ତାରିଖ ସୋମବାର ଦିନ ପୂର୍ବାହ୍ଣ ୧୧ଟା ସମୟରେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କ ସହିତ ସିଧାସଳଖ ଆଲୋଚନା କରିବେ। 'ପରୀକ୍ଷା ପେ ଚର୍ଚ୍ଚା-୨୦୨୫' ୮ଟି ପର୍ଯ୍ୟାୟ ଉପରେ ପର୍ଯ୍ୟବେସିତ। ପ୍ରଧାନମନ୍ତ୍ରୀଙ୍କ ସହ ପ୍ରଥମ ଆଲୋଚନା ସିଧାସଳଖ ଭାବେ ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପିଏମ୍‌ଓ-ୟୁଟ୍ୟୁବ୍ ଚ୍ୟାନେଲ୍ ଓ ଶିକ୍ଷା ମନ୍ତ୍ରଣାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ। ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବାପାଇଁ ମାନସିକ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ପ୍ରଯୁକ୍ତିବିଦ୍ୟା ତଥା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ମଧ୍ୟ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବେ। ଚଳିତବର୍ଷ ପ୍ରତ୍ୟେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳରୁ ୩୬ ଜଣ ଲେଖାଏଁ ଛାତ୍ରଛାତ୍ରୀ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ଏହି ସଂସ୍କରଣକୁ ଭାରତର ବିବିଧତା ଏବଂ ଅନ୍ତର୍ଭୁକ୍ତିର ପ୍ରକୃତ ପ୍ରତିଫଳନ ଭାବେ ବିବେଚନା କରାଯାଉଛି।

# ୱାର୍ଲଡ ବୁକ୍ ଫେୟାର ଏଣ୍ଡ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ବିଶ୍ୱ ପୁସ୍ତକ ମେଳାର ୫୨ତମ ସଂସ୍କରଣ ଆଜି ଶେଷ ହେବ। ୯ ଦିନିଆ ବିଶ୍ୱ ପୁସ୍ତକ ମେଳାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ୫୦ରୁ ଅଧିକ ଦେଶ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨ ହଜାର ପ୍ରକାଶକ ଏବଂ ୧ ହଜାର ବକ୍ତା ଯୋଗ ଦେଇଥିଲେ। ନ୍ୟାସନାଲ ବୁକ୍ ଟ୍ରଷ୍ଟ ଓ ଇଣ୍ଡିଆ ଟ୍ରେଡ୍ ପ୍ରମୋସନ ଅର୍ଗାନାଇଜେସନ୍ ପକ୍ଷରୁ ଆୟୋଜିତ ଏହି ମେଳାରେ ବିଭିନ୍ନ ପ୍ରକାରର ପୁସ୍ତକ ପ୍ରଦର୍ଶିତ ହୋଇଥିଲା। ଏହାଛଡ଼ା ପୁସ୍ତକ ଉନ୍ମୋଚନ, ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା।

# ଏଲ୍‌ଏସ୍ ସ୍ପିକର ବୁକ୍ ଫେୟାର

ଯୁବ ମାନସିକତାକୁ ଶକ୍ତି ଓ ପ୍ରେରଣା ଯୋଗାଇଦେବା ନେଇ ପୁସ୍ତକ ଆଡ଼କୁ ମୁହାଁଇବାକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆହ୍ୱାନ ଦେଇଛନ୍ତି। ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳାରେ ଦୁଇଟି ପୁସ୍ତକ ଉନ୍ମୋଚନ କରି ଶ୍ରୀ ବିର୍ଲା କହିଛନ୍ତି, ପୁସ୍ତକ ଉଭୟ ବ୍ୟକ୍ତିଗତ ଓ ସାମାଜିକ ଅଭିବୃଦ୍ଧିର ପ୍ରକୃତ ମାର୍ଗଦର୍ଶକ।  ଭବିଷ୍ୟତ ପିଢ଼ି ପାଇଁ ପୁସ୍ତକ ଜ୍ଞାନର ଗନ୍ତାଘର ହୋଇଥିବା ବେଳେ ଏହା ମାଧ୍ୟମରେ ଚିନ୍ତାଧାରା ଓ ପରମ୍ପରାର ସଂରକ୍ଷଣ ହୋଇପାରିବ ବୋଲି ସେ କହିଛନ୍ତି।

# ବାରବାଟୀ ମ୍ୟାଚ୍

କଟକର ବାରବାଟୀ ଷ୍ଟାଡିୟମଠାରେ ଆଜି ଭାରତ-ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ଅପରାହ୍ଣ ଗୋଟାଏ ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ତିନିଟିକିଆ ସିରିଜ୍‌ରେ ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ଏପର୍ଯ୍ୟନ୍ତ ୧-୦ରେ ଆଗୁଆ ରହିଛି । ବ୍ୟାଟିଂ କୋଚ୍ ସୀତାଂଶୁ କୋଟକ କହିଛନ୍ତି, ବିରାଟ କୋହଲି ଏବେ ସୁସ୍ଥ ଅଛନ୍ତି ଏବଂ ଦିନିକିଆ ମ୍ୟାଚ୍ ଖେଳିବା ପାଇଁ ପ୍ରସ୍ତୁତ ଅଛନ୍ତି ।